## ସଂକ୍ଷେପରେ

### ବେଆଇନ ମହୁଲି ମଦ ବ୍ୟବସାୟ: ୨ ଗିରଫ

**ପାଟଣା, ୬।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଓ ଘଟଗାଁ ଅବକାରୀ ପୋଲିସ ଶୁକ୍ରବାର ୫୭ ଲିଟର ମହୁଲି ମଦ, ୫ ଶହ କିଲୋ ପୋଚ ଜବତ କରିଛି। ପାଟଣା ଓ ଘଟଗାଁ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବେଆଇନ ମଦ ବ୍ୟବସାୟ ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପାଟଣା ଥାନା ମଙ୍ଗଳପୁର ଗ୍ରାମର ଦୁର୍ଗା ଚରଣ ମହାନ୍ତ ଓ ଘଟଗାଁ ଥାନା ବାଇଦବଜା ଗ୍ରାମର ରଇବାରୀ ମୁଣ୍ଡା।

### ବନ୍ଧୁମିଳନ, କବାଲି କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ,୬।୫:** ଭଦ୍ରକ ସହରର ପାଟନାସାହିଠାରେ ଇଦ୍-ଉଲ-ଫିତର ଅବସରରେ ୟଙ୍ଗ ମାସ୍ ସମାଜସେବୀ କମିଟି ପକ୍ଷରୁ ବନ୍ଧୁମିଳନ ଏବଂ କବାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କୀ ହବିବ ଯୋଗଦେଇ ଇଦ୍ ଭାଇଚାରାର ପର୍ବ ଓ ବନ୍ଧୁତ୍ୱର ନିଦର୍ଶନ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର ଅସରଫ୍ ଅଲି ଖାଁ, ସାମାଜିକ କର୍ମୀ ଜାହିଦ ହବିବ, କାଉନସିଲର ହେମନ୍ତ ସାହୁ, ଜାହିର ଖାଁ, ଫରିୟାଦ୍ ଖାଁ, ରାଜନ ଲାହା ପ୍ରମୁଖ ଯୋଗ ଦେଇଥିଲେ। ଅଜହର ନସିମି ଏବଂ ସାଥୀ କବାଲି ପରିବେଷଣ କରିଥିଲେ।

### ପାଚିକା,ସହାୟିକାଙ୍କ ଧାରଣା

**କୁଳିଅଣା,୬।୫(ଏନ.ଏ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକର ପାଚିକା ସହାୟିକାମାନେ ଗୁରୁବାର ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ୩ ଦଫା ସମ୍ବଳିତ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ୟାମାଶଙ୍କର ଶତପଥୀଙ୍କୁ ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ (ସି.ଇ.ଟି.ୟୁ) ଅମୂଲ ଦେ ସଭାପତିତ୍ୱ କରିଥିଲେ। ବହିଷ୍କୃତ ପାଚିକାମାନଙ୍କୁ ପୁନଃ ନିଯୁକ୍ତି, ପ୍ରତି ମାସ କାର୍ଯ୍ୟର ରିପୋର୍ଟ ନିର୍ଦ୍ଦିଷ୍ଟ ସମୟରେ ପ୍ରଦାନ, ଅଧିକ ପିଲା ଥିବା ବିଦ୍ୟାଳୟରେ ତୁରନ୍ତ ସରକାରୀ ନିୟମ ମୁତାବକ ବହିଷ୍କୃତ ପାଚିକାଙ୍କୁ ନିଯୁକ୍ତି ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ଲକ ସଭାପତି ସନ୍ଧ୍ୟାରାଣୀ ବେହେରା, ବୀଣାପାଣି ନାଏକ, ବିନ୍ଦୁ ସେଠୀ, ମାମି ନାଏକ, ଧାନୀମଣି ହେମ୍ବ୍ରମ, ସୋମ୍ବରୀ ନାଏକ, ବାସନ୍ତୀ ହାଁସଦା, ଆରତୀ ନାଏକ, ସଞ୍ଜୁ ଟୁଡୁ, ପୁଷ୍ପରେଖା ନାଏକ, ଟୁନୀ ନାଏକ, ସୁଜାତା ପାଣିପାତ୍ର, ଗୁରୁବାରୀ ମୁର୍ମୁ ପ୍ରମୁଖ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ।

### ଏସ୍‌ପି ଅଫିସ ଘେରିଲା ଭାଜପା

**ବାରିପଦା ଅଫିସ,୬।୫:** ଜିଲା ଭାଜପା (ପୂର୍ବ) ସଙ୍ଗଠନ ପକ୍ଷରୁ ଦେବଗଡ଼ର ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଗିରଫ ପ୍ରତିବାଦରେ ମୟୂରଭଞ୍ଜ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ଅବିଚାରିତ ପଦକ୍ଷେପର ପ୍ରତିବାଦ ସ୍ୱରୂପ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି କାନ୍ଦରା ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, କବି ବିଷ୍ଣୁ ଶତପଥି, ଜିଲା ସାଧାରଣ ସମ୍ପାଦକ ବିଜୟ ଦାସ ଓ କାଉନସିଲର ରାଜ ଗୁପ୍ତାଙ୍କ ସମେତ ପ୍ରମୁଖ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

### ପୂର୍ବତନ ପୌର ଉପାଧକ୍ଷାଙ୍କ ବିୟୋଗରେ ଶୋକ

**ଯୋଡ଼ା,୬।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ପୂର୍ବତନ ଉପଧକ୍ଷା ପାର୍ବତୀ ଦାସ(୫୫)ଙ୍କ ଦେହାନ୍ତ ହୋଇଯାଇଛି। ସ୍ଥାନୀୟ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଯୋଡ଼ା ଗୋପ ମହାନ୍ତି ହଟିଙ୍ଗରେ ରହୁଥିବା ବେଳେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଭାଇ, ଭଉଣୀ, ଝିଆରୀ ଉପସ୍ଥିତ ଥିଲେ। ପୌର ଉପାଧକ୍ଷା ସନ୍ଧ୍ୟା ପାତ୍ର, ନିହାର ରଞ୍ଜନ ରାଉତ, ପାଣ୍ଡବ କାରୁଆ, ବିକାଶ ପରିଷଦ ଯୁଗ୍ମ ସମ୍ପାଦକ ମନୀନ୍ଦ୍ର ସୁନ୍ଦର ବାରିକ, ବରିଷ୍ଠ ଖବରଦାତା ମାନସ ରଞ୍ଜନ ମହାନ୍ତି, ବରିଷ୍ଠ ନାଗରିକ ଗୋପାଳ ଚନ୍ଦ୍ର ସାହୁ ଶେଷ ଦର୍ଶନ କରିଥିଲେ।

### ଉଦଳା ଥାନାକୁ ଆସିଲା ନୂଆ ପିସିଆର ଭ୍ୟାନ୍

**ଉଦଳା,୬।୫ (ଡି.ଏନ.ଏ .):** ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ହେଡ୍‌କ୍ୱାର୍ଟର ଉଦଳା ଥାନାରେ ପିସିଆର ଭ୍ୟାନ ନ ଥିଲା। ଫଳରେ ଅନେକ ସମୟରେ ପୋଲିସକୁ ବିଭିନ୍ନ କେସ୍‌ରେ ଅନେକ ସ୍ଥାନକୁ ଯିବା, ପାଟ୍ରୋଲିଂ ଏବଂ ଅପରାଧ ରୋକିବା ଲାଗି ସମସ୍ୟା ହେଉଥିଲା। ଦୀର୍ଘଦିନର ଦାବି ପରେ ଶୁକ୍ରବାର ଏହି ଥାନାକୁ ଏକ ନୂଆ ପିସିଆର ଭ୍ୟାନ୍ ଯୋଗାଇ ଦିଆଯାଇଛି। ଏହି ଭ୍ୟାନ ସହାୟତାରେ ଅଞ୍ଚଳରେ ଅପରାଧ ରୋକାଯାଇ ପାରିବ ବୋଲି ଥାନା ଅଧିକାରୀ ନିରୋଜ ସାମଲ କହିଛନ୍ତି।

# ଝଟକିବ କେନ୍ଦୁଝର ପୁରୁଣା ସହର

## ବଳଦେବ ଜୀଉଙ୍କ ବଡ଼ଦାଣ୍ଡ ବିକାଶ ପାଇଁ ଘୋଷଣା

**କେନ୍ଦୁଝର,୬।୫(ସ୍ୱ.ପ୍ର.)**

ପୁରୀ ଭଳି କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ଓ ପୁରୁଣା ସହରର ବିକାଶ ହେବ। ମନ୍ଦିର ପରିସରର ବିକାଶ କାମ ଚାଲିଥିବା ବେଳେ ଶୁକ୍ରବାର ବଡ଼ଦାଣ୍ଡ, ଗୁଣ୍ଡିଚା ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଘୋଷଣା କରାଯାଇଛି। ଏହି ଦେବସ୍ଥଳର ଧାର୍ମିକ ତଥା ସାମାଜିକ ପରିବେଶର ବିକାଶ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲାପାଳ ଆଶୀଷ ଠାକ୍‌ରେ କହିଛନ୍ତି। ପୁରୁଣା ସହରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିକାଶ କାମ ସରିଲେ କେନ୍ଦୁଝର ସହରର ପୁରୁଣା ବଜାର ଝଟକିବ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

୫୪୦ ମିଟର ଲମ୍ବ ବିଶିଷ୍ଟ ବଡ଼ଦାଣ୍ଡର ସୌନ୍ଦର୍ଯ୍ୟୀକରଣ ସହ ଧାର୍ମିକ ବାତାବରଣ ସୃଷ୍ଟି ପାଇଁ ଶ୍ରୀଜୀଉଙ୍କ ବିଭିନ୍ନ ବେଶର ଚିତ୍ର, ଆଲୋକୀକରଣ ଓ ଯାତାୟତ ସୁବିଧା କରିବା ଲକ୍ଷ୍ୟ


କେନ୍ଦୁଝର ବଡ଼ଦାଣ୍ଡ।

ରଖାଯାଇଛି । ସେହିପରି ବଡ଼ଦାଣ୍ଡର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭକ୍ତମାନଙ୍କ ବସିବା, ପାନୀୟ ଜଳ ଆଦି ବ୍ୟବସ୍ଥା କରାଯିବ। ବଡଦାଣ୍ଡ ପାର୍ଶ୍ୱରେ ଏକକ କଳାକୃତି ପ୍ରଦର୍ଶନ, ବ୍ୟବସାୟିକ ସୁବିଧା ପାଇଁ କ୍ଷୁଦ୍ର ଦୋକାନ ବ୍ୟବସ୍ଥା, ଶ୍ରୀ ଗୁଣ୍ଡିଚା ମନ୍ଦିର ଅଞ୍ଚଳର ବିକାଶ, ହାଡବନ୍ଧ ପୋଖରୀର ବିକାଶ, ମୁକ୍ତାକାଶ ଅବସର ବ୍ୟବସ୍ଥା ଆଦି କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଭୂୟାଁପୀଢ ସର୍ଦ୍ଦାରମାନେ ଯୋଗଦେଇ ଏଭଳି ବିକାଶ ମୂଳକ ଉଦ୍ୟମକୁ ପ୍ରଶଂସା କରିଥିଲେ। ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ଭୋଗ ମଣ୍ଡପ, ଭଜନ ମଣ୍ଡପ ତଥା ସୌନ୍ଦର୍ଯ୍ୟୀକରଣ କାମ ଚାଲିଥିବା ବେଳେ ବଡ଼ଦାଣ୍ଡ ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମନ୍ଦିର ନିକଟରେ ଥିବା ୭୨ ଫୁଟ ଉଚ୍ଚର ଶ୍ରୀ ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଗିନିଜ ବୁକ୍ସ ଅଫ୍ ୱାର୍ଲ୍ଡ ରେକର୍ଡ ତଥା ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବିଭିନ୍ନ ସଂସ୍ଥା ପକ୍ଷରୁ ସର୍ବୋଚ୍ଚ ରଥ ଭାବରେ ମାନ୍ୟତା ପାଇଥିବା ନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ହାଡିବନ୍ଧ ପୋଖରୀ ଓ ପବ୍ଲିକ ଲାଇବ୍ରେରୀ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା


ଭୋଗରାଇ ଥାନା ସମ୍ମୁଖରେ ଭାଜପା ପକ୍ଷରୁ ଅନଶନ କରାଯାଉଛି।

## ଗୋଷ୍ଠୀ ସଂଘର୍ଷ

**ଭୋଗରାଇ, ୬।୫(ଡି.ଏନ.ଏ.)**

ଭୋଗରାଇ ବ୍ଲକ ବର୍ତ୍ତନା ଗ୍ରାମରେ ଗତ ୪ତାରିଖରେ ରବିଧାନ କଟାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ଆକ୍ରମଣକାରୀଙ୍କୁ ଅବିଳମ୍ବେ ଗିରଫ କରିବା ଓ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଶୁକ୍ରବାର ବାଲେଶ୍ୱର ଜିଲା ଭୋଗରାଇ ଥାନା ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ଏହି ଧାରଣା ଚାଲୁ ରହିବା ସହିତ ଜୋରଦାର ଆନ୍ଦୋଳନ ହେବ ବୋଲି ଭାଜପା ନେତାମାନେ ପ୍ରକାଶ କରିଛନ୍ତି। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ପକ୍ଷର ୭ଜଣ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଉଭୟ ପକ୍ଷରୁ ୨ଜଣ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ଭାଜପା ସମର୍ଥକ ଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ବିଜେଡି ସମର୍ଥକ ବୋଲି ସୂଚନା ମିଳିଛି। ଭୋଗରାଇ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା(ନଂ. ୮୦/୨୨ ଏବଂ ୮୧/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରଭଞ୍ଜନ ବେହେରା କହିଛନ୍ତି। ପଞ୍ଚାୟତ ସମିତି ଅଧକ୍ଷ ଉକ୍ତ ଗ୍ରାମର ବାସିନ୍ଦା ହୋଇଥିବାରୁ ଭାଜପା ନେତା ଓ ସମର୍ଥକମାନେ ତାଙ୍କ ସମ୍ପୃକ୍ତିକୁ ନେଇ ଅଭିଯୋଗ ଆଣିଛନ୍ତି। ପଞ୍ଚାୟତ ସମିତି ଅଧକ୍ଷ ଏହି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା କହିଥିବା ବେଳେ ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ଜନସାଧାରଣଙ୍କ ଆସ୍ଥା ହରାଇଥିବାରୁ ତାଙ୍କ ଦଳର କର୍ମୀଙ୍କୁ ଆଶ୍ୱାସନା ଦେବା ଛଳରେ ଏଭଳି ମିଥ୍ୟା ଆରୋପ କରୁଥିବା ଅଧକ୍ଷ ପ୍ରବୀର କୁମାର ଗିରି ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଗାଁର ସ୍ଥିତି ଗମ୍ଭୀର ରହିଛି।

# ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ



ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ତ୍ରିଲୋଚନ ମାଝି ଓ ବିଧାୟକମାନେ।

## ଦିଶା ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଭଦ୍ରକ ଅଫିସ, ୬।୫**

ଭଦ୍ରକ ଡିଆର୍‌ଡିଏ କନ୍‌ଫରେନ୍ସ ହଲ୍‌ରେ ଶୁକ୍ରବାର ଜିଲା ଉନ୍ନୟନ ସମନ୍ୱୟ ମନିଟରିଂ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ୫-ଟି ଅଧୀନ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ସମସ୍ତ କେନ୍ଦ୍ରୀୟ ଯୋଜନାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଜିଲାପାଳ ତ୍ରିଲୋଚନ ମାଝି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ ପାତ୍ର, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ବୈଠକରେ ଯୋଗଦେଇ ଜିଲାରେ ନିର୍ମାଣାଧୀନ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ହବିବ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଧାମନଗରର ଶର୍ମିଷ୍ଠା ବେହେରା, ତିହିଡ଼ିର ଅବନ୍ତୀ ଦାସ, ଭଣ୍ଡାରିପୋଖରୀର ସୁମତି ସେଠୀ, ବାସୁଦେବପୁରର ନଗେନ୍ଦ୍ର ବିଶ୍ୱାଳ, ଚାନ୍ଦବାଲିର ମିନତି ସୂତାର, ବନ୍ତର ମନୋରଞ୍ଜନ ଘଡ଼େଇଙ୍କ ସହ ସମସ୍ତ ଜିଲା ପରିଷଦ ସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଦିଶାର ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

### ପଦୋନ୍ନତି ପାଇଥିବା ଡେପୁଟି ରେଞ୍ଜର ହେଲେ ଫରେଷ୍ଟର

**କେନ୍ଦୁଝର,୬।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ସଞ୍ଜୀବ ରାଉତଙ୍କ ପଦୋନ୍ନତିକୁ ବାତିଲ କରଯାଇ ପୂର୍ବ ପଦ ଫରେଷ୍ଟରକୁ ଫେରାଇ ଦିଆଯାଇଛି। ରାଜ୍ୟ ବନ ବିଭାଗ ମୁଖ୍ୟାଳୟ ପକ୍ଷରୁ ଚିଠିନଂ.୫୨୨/୬।୫।୨୦୨୨ରେ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ ଏହି ଆଦେଶ ଦେଇଛନ୍ତି। ଏହାକୁ ନେଇ ବିଭାଗ ତଥା ସ୍ଥାନୀୟ ଅଞ୍ଚଳରେ ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ତାଙ୍କ ବିରୋଧରେ ମାମଲା ଓ ବିଭିନ୍ନ ଅଭିଯୋଗ ଥିଲା। ଏନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହା ସତ୍ତ୍ୱେ ତାଙ୍କୁ ଚିଠିନଂ.୬୬୨/୨୮।୫।୨୦୧୮ରେ ଫରେଷ୍ଟରରୁ ଡେପୁଟି ରେଞ୍ଜର ପଦବୀକୁ କିଭଳି ପଦୋନ୍ନତି ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ କାରଣରୁ ତାଙ୍କ ପଦୋନ୍ନତି ବାତିଲ ହୋଇଛି ତାହା ଆଦେଶ କପିରେ ସ୍ପଷ୍ଟ କରାଯାଇନାହିଁ। ଏଣୁ ପଦୋନ୍ନତି ଘଟଣାର ତଦନ୍ତ ପାଇଁ ଦାବି ହେଉଛି।

### ପୂର୍ବତନ ଜିଲା ଶିକ୍ଷାଧିକାରୀଙ୍କ ଶ୍ରାଦ୍ଧବାର୍ଷିକୀ

**ଧାମନଗର, ୬।୫ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ଇଛଦା ଗ୍ରାମରେ ପୂର୍ବତନ ଜିଲା ଶିକ୍ଷାଧିକାରୀ ସ୍ୱର୍ଗତ ଭାଗବତ ପ୍ରସାଦ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡା. ଦୁଃଶାସନ ଓଝା, ଜିଲା ପରିଷଦ ଉପାଧକ୍ଷା ତୁଳିବାଳା ବିଶ୍ୱାଳ, ସରପଞ୍ଚ କାଞ୍ଚନ ସ୍ୱାଇଁ, ଶୈଳେନ୍ଦ୍ର ଜେନା, ଶିକ୍ଷାବିତ୍ ପ୍ରଫୁଲ୍ଲ ସାହୁ, ଏବିଓ ପୁରୁଷୋତ୍ତମ ଧଳ, ନାଟ୍ୟକାର ଅରୁଣ ବାରିକ, ଶୁଭଶ୍ରୀ ଦାସପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ରମାକାନ୍ତ ଜେନା ବେଦ ପାଠ ଓ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଙ୍ଗୀତଜ୍ଞ ଚନ୍ଦ୍ରଶେଖର ଦାସ ସ୍ମୃତି ସଙ୍ଗୀତ ଗାଇଥିବା ବେଳେ ଫକୀର ମୋହନ ମାଇତି ଧନ୍ୟବାଦ ଦେଇଥିଲେ। ସଚ୍ଚିଦାନନ୍ଦ ଦାସ ପରିଚାଳନା କରିଥିଲେ।

# ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

**ପାଟଣା,୬।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ୱାମଶାସନର ସତ୍ୟନାରାୟଣଙ୍କ ୬୭ତମ ବାଦୀପାଲା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ସୁନାମଧନ୍ୟ ଗାୟକ ଲକ୍ଷ୍ମୀଧର ରାଉତ ଓ ବନ ବିହାରୀ ଗ୍ରହାଚାର୍ଯ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଲକ୍ଷ୍ମୀଧରଙ୍କୁ ବିଶ୍ୱଦର୍ଶୀ ଓ ବନ ବିହାରୀଙ୍କୁ ଅଗ୍ନିବର୍ଷି ଉପାଧିରେ ଭୂଷିତ କରାଯିବା ସହ ଉଭୟ ଦଳର ଗାୟକ, ପାଳିଆ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ପାଲା କମିଟି ସଭାପତି ଅଜିତ ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଅଧକ୍ଷ ଇଂ. ବିଦ୍ୟାଧର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ସରପଞ୍ଚ ବିନତି ବାନରା, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ଉପସଭାପତି ଲୋକନାଥ ମିଶ୍ର, ସମ୍ପାଦକ ଶିବ ପ୍ରସାଦ ଦାଶ, ଉପଦେଷ୍ଟା ଜ୍ଞାନେନ୍ଦ୍ର ମିଶ୍ର, ପର୍ଶୁରାମ ପଣ୍ଡା, ପଞ୍ଚାନନ ଦାଶ, ବଳଭଦ୍ର କର, କୋଷାଧକ୍ଷ କଳ୍ପତରୁ କର ପ୍ରମୁଖ ଯୋଗ ଦେଇଥିଲେ।

# 'ଏକତାର ପ୍ରତୀକ ଥିଲେ ବିପ୍ଳବୀ ଧରଣୀଧର'



**ଯୋଡ଼ା, ୬।୫(ଡି.ଏନ.ଏ.)**

ବିପ୍ଳବୀ ତଥା ପ୍ରଜା ମେଳିର କର୍ଣ୍ଣଧାର ଧରଣୀଧର ଭୂୟାଁଙ୍କ ୧୫୮ତମ ଜୟନ୍ତୀ ଉତ୍ସବ ଯୋଡ଼ା ବ୍ଲକର ଗୁଆଲି ପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ଗୁଆଲୀ ପଞ୍ଚାୟତର ପାଣ୍ଡୁଲିପଶି ଠାରେ ପ୍ରାୟ ୧୮୯୭-୯୮ ମସିହାରେ ସେ ଆସି ରହିଥିଲେ। ସେଠାରୁ ଭୂୟାଁ ସମ୍ପ୍ରଦାୟର ପ୍ରଜାଙ୍କୁ ମେଳି କରି କେନ୍ଦୁଝର ରାଜାଙ୍କ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ଏଣୁ ସଂଗ୍ରାମୀ ଧରଣୀଧର ଭୂୟାଁଙ୍କ ନିଜ ଗ୍ରାମ କେନ୍ଦୁଝର ଜିଲାର କୁସୁମିତା ଠାରେ ହୋଇଥିଲେ ହେଁ ବିପ୍ଳବ ଜୀବନ ପାଣ୍ଡୁଲିପଶୀ ଗ୍ରାମରୁ ଆରମ୍ଭ ହୋଇଥିଲା ବୋଲି ରାଜ୍ୟ ଭୂୟାଁ ସମାଜର ରାଜ୍ୟ ସଭାପତି ତଥା ଯୋଡ଼ା ବ୍ଲକ ଅଧକ୍ଷ କବୀନ୍ଦ୍ର ନାଏକ କହିଥିଲେ। ସଭାରେ ଉପସ୍ଥିତ ଜିଲା ବିଜେଡି ବରିଷ୍ଠ ଉପସଭାପତି କୁଶ ଆପଟ କହିଥିଲେ ଯେ, ଏକତାର ପ୍ରତୀକ ଥିଲେ ବିପ୍ଳବୀ ଧରଣୀଧର। ସେହି ଏକତା ଏବେ ମାନବ ସମାଜରେ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଆସନ୍ତା ଜୟନ୍ତୀରେ ବିପ୍ଳବୀ ଧରଣୀଧରଙ୍କ ଏକ ପ୍ରତିମୂର୍ତ୍ତି ଗୁଆଲି ଠାରେ ସ୍ଥାପନ କରାଯାଇ ପାଳନ କରାଯିବ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୁଆଲି ସରପଞ୍ଚ ବିଦ୍ୟାଧର ନାଏକ, ଲୋଇଡାପଦା ସରପଞ୍ଚ ବିଳାସିନୀ ଓରାମ, ଗୁଆଲି ସମିତି ସଭ୍ୟ ବିମଳା ନାଏକଙ୍କ ସମେତ ଭୂୟାଁ ସମ୍ପ୍ରଦାୟର ବହୁ ଲୋକ ଉପସ୍ଥିତ ଥିଲେ। ସମ୍ପ୍ରଦାୟର ବୟୋଜ୍ୟେଷ୍ଠ ବ୍ୟକ୍ତି ରବି ନାଏକ ବିପ୍ଳବୀ ଧରଣୀଧରଙ୍କ ସ୍ମୃତିଚାରଣ କରିଥିଲେ।

# ଅଭିଯୋଗ ପରେ ଲେଖାହେଲା ସୂଚନାଫଳକ

**ପଦ୍ମପୁର, ୬।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତର ଚନ୍ଦିଆଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ଚାଲିଥିବା କାମରେ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଗୁରୁବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ବିନା କାର୍ଯ୍ୟାଦେଶ ଓ ସୂଚନା ଫଳକରେ କାମ ଚାଲିଥିବା ସେମାନେ ଦର୍ଶାଇଥିଲେ। ଗ୍ରାମବାସୀଙ୍କ ଏହି ଅଭିଯୋଗ ପରେ ବିଡିଓ ସତ୍ୟଜିତ ରାଉତଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଦେଶ ଅଣାଯାଇଥିବା ବେଳେ ଶୁକ୍ରବାର ଗ୍ରାମସାଥୀ ଖାଲିଥିବା ଫଳକରେ କାମ ସମ୍ପର୍କିତ ସୂଚନା ଲେଖିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ କରିଥିଲେ ଯେ, ଗ୍ରାମର ବିରାପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଗତ ୮ ଦିନ ଧରି ଚାଲିଛି। ହେଲେ କାମ ପାଇଁ ବ୍ଲକ ପକ୍ଷରୁ କୌଣସି କାର୍ଯ୍ୟାଦେଶ ଦିଆଯାଇନାହିଁ। ସେହିପରି କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକରେ ସେ ସମ୍ପର୍କିତ ସମସ୍ତ ତଥ୍ୟ ଲେଖିବାର ନିୟମ ରହିଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କୌଣସି ସୂଚନା ଫଳକ ନାହିଁ। ଏ ସମ୍ପର୍କରେ ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ) ଲମ୍ବୋଦର ଦାସଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ଗତ ମଙ୍ଗଳବାର ବିଡିଓ ରାଉତ ଜିଆର୍‌ଏସ୍‌ଙ୍କୁ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଚାଲୁ ରହିଛି। ଗୁରୁବାର ମହେଶ୍ୱର ବେହେରା, ଉମାକାନ୍ତ ପାଣିଗ୍ରାହୀ, ଶୁକଦେବ ପାଣିଗ୍ରାହୀ ପ୍ରମୁଖ ଗ୍ରାମବାସୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ।

# ୯ରେ ପୁଣି ରେଳରୋକୋ ନିଷ୍ପତ୍ତି

## ସୁଧୁରୁନି ହଳଦୀପଦା ଷ୍ଟେଶନ ସମସ୍ୟା

**ରୂପସା, ୬।୫(ଡି.ଏନ.ଏ.)**

ଦକ୍ଷିଣ ପୂର୍ବ ରେଳପଥର ଖଡ଼୍ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ହଳଦୀପଦା ରେଳଷ୍ଟେଶନ ସମସ୍ୟା ସମାଧାନ ହେଉନି। ଦାବି ପୂରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ଲାଗିରହିଛି। ପ୍ରତିବାଦରେ ଆସନ୍ତା ୯ତାରିଖରେ ହଳଦୀପଦା ପ୍ରଗତି ମଞ୍ଚ ପକ୍ଷରୁ ରେଳରୋକୋ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ଷ୍ଟେଶନରେ ମୁଖ୍ୟତଃ ପୂର୍ବଭଳି ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ ରହଣି କରିବା, ରିଜର୍ଭେଶନ କାଉଣ୍ଟର ଖୋଲାଯିବା, ନିଧିପଣ୍ଡା ପୋଲ ଉପରେ ବ୍ରିଜ ନିର୍ମାଣ, ଷ୍ଟେଶନରେ ଏଟିଏମ୍, ପାନୀୟଜଳ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଖଡ଼ଗପୁର-ଜଳେଶ୍ୱର ମେମୋ ଲୋକାଲ ଟ୍ରେନ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ଆଦି ୧୦ଦଫା ଦାବି ପୂରଣ ପାଇଁ ବାରମ୍ବାର ପ୍ରଗତି ମଞ୍ଚ ପକ୍ଷରୁ ରେଳବିଭାଗ ଓ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୨୦୨୧ ଫେବୃୟାରୀ ୧୫ରେ ରେଳରୋକୋ ଆନ୍ଦୋଳନ ପରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଦାବି ପୂରଣ ଦିଗରେ ପ୍ରତିଶ୍ରୁତି ମିଳିବା ପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। ବିଭାଗୀୟ ପଦକ୍ଷେପ ନିଆ ନ ଯିବାରୁ ପୁଣି ୨୦୨୧ ଏପ୍ରିଲ ୫, ମେ' ୧୦ ଓ ୨୦୨୨ ଏପ୍ରିଲ ୧୮ରେ ରେଳରୋକୋ ଡାକରା ଦିଆଯାଇଥିଲା। ବାରମ୍ବାର ପ୍ରତିଶ୍ରୁତି ମୁତାବକ ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ୯ ତାରିଖରେ ସୋମବାର ପୁଣି ରେଳରୋକୋ ହେବ ବୋଲି ମଞ୍ଚ ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ରାଧାକୃଷ୍ଣ ସାହୁ, ଚୈତନ୍ୟ ପ୍ରସାଦ ସାହୁ, ସନ୍ୟାସୀ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଚିକିତ୍ସା ପାଇଁ ଅର୍ଥ ନାହିଁ, ଚିନ୍ତାରେ ବାପା

## ୫ବର୍ଷର ଝିଅକୁ ବ୍ରେନ ଟ୍ୟୁମର

**ବାଲେଶ୍ୱର ଅଫିସ, ୬।୫**

ବାଲେଶ୍ୱର ସହର ଅଙ୍ଗାରଗଡ଼ିଆଠାରେ ରହୁଥିବା ଦିନମଜୁରିଆ ସପନ ବିନ୍ଧାଣିଙ୍କ ୫ବର୍ଷର ଝିଅ ଶୁଭଲକ୍ଷ୍ମୀ। ହସିଖେଳି ସାଙ୍ଗମାନଙ୍କ ସହ ଦିନ କଟାଇବା ସମୟରେ ଦୁଇଟି ଟ୍ୟୁମରରେ ସେ ଆକ୍ରାନ୍ତ। ତାଙ୍କ ବ୍ରେନରେ ଏକ ଟ୍ୟୁମର ହୋଇଥିବା ବେଳେ କାନ୍ଧ ପାଖରେ ମଧ୍ୟ ଏକ ଟ୍ୟୁମର ହୋଇଛି। ବ୍ରେନ୍ ପାଖରେ ହୋଇଥିବା ଟ୍ୟୁମର ଶିର ସହ ଯୋଡ଼ି ହୋଇଯାଇଥିବା ଡାକ୍ତରଙ୍କ ପକ୍ଷରୁ ଜଣାପଡ଼ିଛି।

ଏହାର ଅସ୍ତ୍ରୋପଚାର ପାଇଁ ବାଲେଶ୍ୱରରେ ସୁବିଧା ନ ଥିବାରୁ ସେମାନେ କଟକ ବଡ଼ ଡାକ୍ତରଖାନାକୁ ରେଫର କରିଦେଇଥିଲେ। ଶୁଭଲକ୍ଷ୍ମୀଙ୍କ ପରିବାର କଟକ ବଡ଼ ଡାକ୍ତରଖାନାକୁ ବାରମ୍ବାର ଯିବା ପରେ ବି ସେଠାରେ ଅସ୍ତ୍ରୋପଚାର କରାଯାଇ ନ ଥିଲା। ତେଣୁ ବାପା ସପନ ନିଜ ଝିଅର ଅସ୍ତ୍ରୋପଚାର ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ଘରୋଇ ହସ୍ପିଟାଲ ଯାଇଥିଲେ। ମାତ୍ର ଝିଅର ବୟସ ଏବେ ୫ବର୍ଷ ହୋଇଥିବାରୁ ଝିଅ ଶୁଭଲକ୍ଷ୍ମୀଙ୍କ ନାମ ରାଶନ କାର୍ଡ଼ରେ ନ ଥିଲା। ତେଣୁ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଅପରେଶନ ସମ୍ଭବ ହୋଇପାରି ନ ଥିଲା। ସପନଙ୍କ ନିକଟରେ ଅର୍ଥ ନ ଥିବାରୁ କୁନି ଝିଅର ଅସ୍ତ୍ରୋପଚାର କରିବା ଅସମ୍ଭବ ହୋଇପଡ଼ିଛି। ଆଶା ହରାଇ ସେ ଘରେ ବସି ରହିଛନ୍ତି। ଏସ୍‌ଆର୍‌ବି ସ୍ୱସ୍ତିକ ପଭର୍ଟି ଫାଉଣ୍ଡେଶନ ଅଧକ୍ଷା ସଂଯୁକ୍ତାରାଣୀ ବେହେରା ଏବଂ ଆଚ୍ଛା ସଙ୍ଗଠନ ସଭାପତି ବିସ୍ମିତ ରଞ୍ଜନ ଦାସ ଖବରପାଇ ସପନଙ୍କ ଘରେ ପହଞ୍ଚିଥିଲେ। ସମସ୍ତ ଘଟଣା ବୁଝିବା ପରେ ସପନଙ୍କ ପରିବାରରେ ଥିବା ରାଶନକାର୍ଡ଼ରେ ଝିଅର ନାମ ଉଠାଇବା ପାଇଁ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ନିରାଶ ହୋଇଥିଲେ। ପରେ ଜିଲା ଜରୁରୀକାଳୀନ ଅଫିସ୍‌କୁ ଯାଇ ସହାୟତା ପାଇଁ ଆଲୋଚନା କରି ବିଫଳ ହେବାରୁ ଶୁଭଲକ୍ଷ୍ମୀଙ୍କ ଅସ୍ତ୍ରୋପଚାରର ଆଶା ମଉଳିଯାଇଛି।

ଏନେଇ ଜିଲା ଜରୁରୀକାଳୀନ ଅଧିକାରିଣୀ ରିଜୱାନା କୱକବ କହିଛନ୍ତି, ଉକ୍ତ ନାମଧାରୀ କୌଣସି ବ୍ୟକ୍ତି ଶିଶୁକନ୍ୟାର ସମସ୍ୟା ନେଇ ଆସିନାହାନ୍ତି। ତାଙ୍କୁ ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମ (ଆର୍‌ବିଏସ୍) ଯୋଜନାରେ ଭଲ କରି ଚିକିତ୍ସା କରାଯାଇପାରିବ। ଏହାପରେ ମଧ୍ୟ ତାଙ୍କୁ ରେଡ଼କ୍ରସ୍ ଭଳି ବିଭିନ୍ନ ସଂସ୍ଥାରୁ ଆର୍ଥିକ ସହାୟତା ଯୋଗାଇ ଦିଆଗଲେ ଚିକିତ୍ସା ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।


ମା'ବାପାଙ୍କ ସହ ଶୁଭଲକ୍ଷ୍ମୀ।

# ଭୟଭୀତ ନ ହେବାକୁ ପରାମର୍ଶ

ବାଲେଶ୍ୱର ଅଫିସ, ୬।୫

ଓଡ଼ିଶାର ପ୍ରମୁଖ ଉପକୂଳବର୍ତ୍ତୀ ଜିଲା ମଧ୍ୟରୁ ବାଲେଶ୍ୱରବାସୀ ଅନେକ ପ୍ରାକୃତିକ ଦୈବ ଦୁର୍ବିପାକକୁ ସାମ୍ନା କରିଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ବେଳେ ତାହାକୁ କିଭଳି ମୁକାବିଲା କରାଯାଇପାରିବ ତାକୁ ନେଇ ସମସ୍ତେ ପ୍ରସ୍ତୁତ ରହିଛନ୍ତି। ଜିଲାକୁ ୮୧ କି.ମି. ବ୍ୟାପୀ ସମୁଦ୍ର ଘେରିରହିଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ହେଲେ ସାଧାରଣତଃ ୧୨ଟି ବ୍ଲକରୁ ୬ଟି ବ୍ଲକ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥାଏ। ସେହିଭଳି ଅନେକ ପରିମାଣର ଚାଷଜମି ମଧ୍ୟ ପ୍ରଭାବିତ ହୁଏ। ପ୍ରତିବର୍ଷ ଭଳି ପୁଣି ଏକ ଦୁର୍ବିପାକକୁ ସାମ୍ନା କରୁଛି ଜିଲା। ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଜିଲାପାଳଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଏସ୍‌ଆର୍‌ସିଙ୍କ ସହ ଆଭାସୀ ଯୋଗେ ଆଲୋଚନା ପରେ କିଭଳି ବାତ୍ୟା ମୁକାବିଲା କରାଯାଇପାରିବ ସେନେଇ ଆରମ୍ଭ ହୋଇଯାଇଛି ପୂର୍ବପ୍ରସ୍ତୁତି। ଅନ୍ୟପଟେ ବାତ୍ୟାକୁ ନେଇ ପ୍ରତିବର୍ଷ ସମୁଦ୍ର ତଟବର୍ତ୍ତୀ ଲୋକେ ବିଶେଷମାତ୍ରାରେ


ଚାନ୍ଦିପୁରରେ ଅଶାନ୍ତ ସମୁଦ୍ର।

### ସମ୍ଭାବ୍ୟ ବାତ୍ୟା

ପ୍ରଭାବିତ ହେଉଥିବା ବେଳେ ଯଦି ବାତ୍ୟା ହୁଏ କିଭଳି ସେମାନଙ୍କୁ ବାତ୍ୟା, ବନ୍ୟା ଏବଂ ବହୁମୁଖୀ ଆଶ୍ରୟସ୍ଥଳରେ ଥଇଥାନ କରାଯାଇପାରିବ ସେଥିପ୍ରତି ପ୍ରଶାସନ ପ୍ରସ୍ତୁତ ହେଲାଣି। ସେହିଭଳି ସମୁଦ୍ରକୂଳିଆ ଅଞ୍ଚଳ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ମାଛ ମାରିବାକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ଅଗ୍ନିଶମ, ଏନ୍‌ଡିଆରଏଫ୍ ଓ ଓଡ୍ରାଫ ପ୍ରସ୍ତୁତ ରହିଛି। ଜିଲାରେ ବାତ୍ୟାର ପ୍ରଭାବ କଣ ରହିବ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଉଦ୍ଧାରକାରୀ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ୧୨ଟି ବ୍ଲକରେ ଥିବା ସମସ୍ତ ଅଗ୍ନିସେବା କେନ୍ଦ୍ରରେ ଗୋଟିଏ ମଇକ୍ରୋ ଟିମ୍ ଗଠନ କରି ରଖାଯାଇଥିବା ବେଳେ ଜିଲା ମୁଖ୍ୟାଳୟରେ ଦୁଇଟି ଟିମ୍ ପ୍ରସ୍ତୁତ ଅଛନ୍ତି। ଏମାନେ ଆବଶ୍ୟକ ପଡ଼ିଲେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ। ସେହିପରି ଅଗ୍ନିଶମ ବିଭାଗ ସବୁକେନ୍ଦ୍ରରେ ଅତ୍ୟାବଶ୍ୟକ ଉପକରଣ ଆସ୍କାଲାଇଟ, ଗଛ କାଟିବା ଯନ୍ତ୍ର ଆଦି ମଧ୍ୟ ପ୍ରସ୍ତୁତ ଥିବା ଜିଲା ଅଗ୍ନିଶମ ଅଧିକାରୀ ପରେନ ସରେନ ପ୍ରକାଶ କରିଛନ୍ତି। ସେପଟେ ଜିଲାରେ ଗୋଟିଏ ଏନ୍‌ଡିଆରଏଫ୍ ବାଟାଲିୟନ ଓ ୪ ଓଡ୍ରାଫ ଟିମ୍ ମଧ୍ୟ ପ୍ରସ୍ତୁତ ରହିଛନ୍ତି। ଅନ୍ୟପଟେ ଜିଲା ଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କଳାବଜାରୀ ରୋକିବାକୁ ବିଭିନ୍ନ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରଚୁର ପରିମାଣର ଚୁଡ଼ା ଓ ଗୁଡ଼ ମହଜୁଦ ରହିଛି। କଳାବଜାରୀ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ଉପରେ ଧ୍ୟାନ ରଖାଯାଇଥିବା ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ପ୍ରକାଶ କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଏନେଇ ଗୁରୁବାର ଏସ୍‌ଆର୍‌ସିଙ୍କ ସହ ଆଲୋଚନା ହୋଇଛି। ବାତ୍ୟା ମୁକାବିଲା ପାଇଁ ପ୍ରାଥମିକ ସ୍ତରରେ ଯେଉଁସବୁ ପଦକ୍ଷେପ ନେବାକୁ ହେବ ସେନେଇ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥିସହ ବିଦ୍ୟୁତ, ଜଳ ଆଦି ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସ୍ଥାନରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରି ରଖିବା ପାଇଁ ପଦକ୍ଷେପ ନିଆଯାଇଛି। ବାତ୍ୟାକୁ ନେଇ ଲୋକମାନେ ଭୟଭୀତ ନ ହେବାପାଇଁ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### କୁଳେଇପଦା ଉତ୍ସବମୁଖର



ଆରଡ଼ି, ୬।୫ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର କୁଳେଇପଦା ଗାଁ ଅକ୍ଷୟ ତୃତୀୟାଠାରୁ ଉତ୍ସବମୁଖର ହୋଇଛି। ଗାଁରେ ଥିବା ଭାଗବତ ଟୁଙ୍ଗୀରେ ପ୍ରଭୁ ବାସୁଦେବଙ୍କ ପୂଜାର୍ଚ୍ଚନା ଚାଲିଛି। ସପ୍ତାହକ ଧରି ଚାଲିଥିବା ଏହି ଉତ୍ସବର ଚତୁର୍ଥ ଦିନରେ ବଳିଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଷ୍ଟମ ସ୍କନ୍ଧ ଭାଗବତର ଊନବିଂଶ ଅଧ୍ୟାୟ ପଣ୍ଡିତ ଶଙ୍କର୍ଷଣ ଦାଶ ପଠନ କରିଥିଲେ। ଏହି ଅଧ୍ୟାୟରେ ବାମନ ଅବତାରରେ ଭଗବାନ ବିଷ୍ଣୁ ବଳିରାଜାଙ୍କୁ ୩ ପାଦ ଭୂମି ମାଗିଥିଲେ ଓ ତାଙ୍କୁ ପାଦରେ ଚାପିଦେଇ ପାତାଳଗାମୀ କରି ଗର୍ବ ଚୂର୍ଣ୍ଣ କରିଥିଲେ। ଗ୍ରାମର ଉପବାସ କରିଥିବା ମହିଳା ପୁରୁଷ ଭାଗବତ ଅଧ୍ୟାୟରେ ବଳି ବଧ ହେଲା ପରେ ଚରୁଅନ୍ନ ସେବନ କରି ବ୍ରତ ଭାଙ୍ଗିଥିଲେ। ପରେ ସନ୍ଧ୍ୟାରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ସୋମବାର ଏହି ଉତ୍ସବ ଉଦ୍‌ଯାପିତ ହେବ। ଦୀର୍ଘ ୫ ଶହ ବର୍ଷ ଧରି ଗ୍ରାମରେ ଏହି ପାରମ୍ପରିକ ଆଧାତ୍ମିକ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ପ୍ରତ୍ୟେହ ସନ୍ଧ୍ୟା ଆଳତି ଦେଖିବା ପାଇଁ ପଡ଼ୋଶୀ ଓଳଗ, ଚମ୍ପାସାହି, ବର୍ତ୍ତଳ, ବାଙ୍କମୁହାଁ ପାରଡିଆ ଆଦି ଗାଁର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି।

### ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ନୀଳଗିରି, ୬।୫(ସ୍ୱ.ପ୍ର.): ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି କାର୍ଯ୍ୟାଳୟରେ ଗୁରୁବାର ଶତାଧିକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ ହୋଇଛି। ବାଲେଶ୍ୱର ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟାଦେଶ ବଣ୍ଟନ ବେଳେ ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଉପାଧ୍ୟକ୍ଷ ମହେନ୍ଦ୍ର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶେଷ କୁମାର ନାୟକ ଓ ସମସ୍ତ ନିର୍ବାଚିତ କାଉନସିଲର ଉପସ୍ଥିତ ଥିଲେ।

### ଧରଣୀଧର ଜୟନ୍ତୀ ପାଳିତ

କେନ୍ଦୁଝର, ୬।୫(ସ୍ୱ.ପ୍ର./ଡି.ଏନ.ଏ.): ମହାନ ବିପ୍ଳବୀ ଧରଣୀଧରଙ୍କ ୧୫୮ ତମ ଜୟନ୍ତୀ ସମାରୋହ ମେ ୫ ତାରିଖରେ ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଜିଲା ପ୍ରଶାସନ ଆନୁକୂଲ୍ୟରେ ଭୂୟାଁ ସାଂସ୍କୃତିକ ସଂଗଠନ, କେନ୍ଦୁଝର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ବିପ୍ଳବୀ ଧରଣୀଧରଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜିଲାପାଳ ଠାକରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଭୂୟାଁ ସାଂସ୍କୃତିକ ସଂଗଠନ କେନ୍ଦୁଝରର ସଭାପତି ହରିଶଙ୍କର ନାଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ କାଙ୍ଗାଳି ଚରଣ ନାଏକ ବିବରଣୀ ଉପସ୍ଥାପନ କରିଥିଲେ । କେନ୍ଦୁଝର ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ସମ୍ଭାଷଣ କରିବା ସହିତ କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ।

### ଦାୟିତ୍ୱ ନେଲେ ଅତିରିକ୍ତ ଜିଲାପାଳ



ବାରିପଦା ଅଫିସ, ୬।୫: ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲାପାଳ ଭାବେ ସୁଚାରୁ କୁମାର ବଳ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ବିଭିନ୍ନ ବିଭାଗର ପଦାଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଏହା ପୂର୍ବରୁ ସେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଓ ଫୁଲବାଣୀର ଉପଜିଲାପାଳ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଗତ ୯ବର୍ଷ ଧରି ଜିଲାର ଉଦଳା ବିଡିଓ, ଡେପୁଟୀ ଜିଲାପାଳ, ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ, ରାଇରଙ୍ଗପୁର ଅତିରିକ୍ତ ତହସିଲଦାର, ବହଳଦାରେ ଭାରପ୍ରାପ୍ତ ତହସିଲଦାର ରହି କାର୍ଯ୍ୟ କରିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଭୁବନେଶ୍ୱର ବଦଳି ହେବା ପରେ ତାଙ୍କୁ ରାଜସ୍ୱ ବିଭାଗ ପ୍ରଦାନ କରାଯାଇଛି । ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକିବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବେ ବୋଲି ନୂତନ ଅତିରିକ୍ତ ଜିଲାପାଳ ବଳ କହିଛନ୍ତି ।

# ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି


ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଅଫିସ, ୬।୫

ବାଲେଶ୍ୱର ଦେଇଯାଇଥିବା ୧୬ନଂ. ଜାତୀୟ ରାଜପଥର ସେରଗଡ଼ ଛକଠାରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟରେ ଚରମ ଅବ୍ୟବସ୍ଥା, ସର୍ଭିସ ରୋଡ଼ ନିର୍ମାଣ, ଗଳାପୋଲ, ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣରେ ଅହେତୁକ ବିଳମ୍ବ ପ୍ରତିବାଦରେ ସ୍ଥାନୀୟ ଲୋକ, ନିର୍ବାଚିତ ଜନପ୍ରତିନିଧି ଓ ସେରଗଡ଼ ଆଞ୍ଚଳିକ ଉନ୍ନୟନ କମିଟି କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେଇ ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଥିଲେ। ସେରଗଡ଼ସ୍ଥିତ ୧୬ନଂ. ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ଼ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଓ ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ କରାଯାଉଛି। ବରୁଣସିଂ ଛକଠାରେ ଗଳାପୋଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ହେଉନାହିଁ। ନିକଟସ୍ଥ ଟୋଲଗେଟ୍ ଛକରେ ଅକାମୀ ହୋଇଯାଇଥିବା କଲଭର୍ଟରେ ପୋଲ ନିର୍ମାଣ ଓ ଡ୍ରେନେଜ୍ ପୁନରୁଦ୍ଧାର ନ ହେବାରୁ ବର୍ଷା ଓ ବନ୍ୟାଜଳ ନିଷ୍କାସନ ନ ହେବା କାରଣରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେରଗଡ଼ ଛକରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବସ୍‌ଯାତ୍ରୀଙ୍କ ପାଇଁ ଅସ୍ଥାୟୀ ବିଶ୍ରାମାଗାର, ଶୌଚାଳୟ ନିର୍ମାଣ ପାଇଁ ଦାବି କରାଯାଇଛି। ଏସବୁ ଦାବି ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ସ୍ଥାନୀୟ ଲୋକପ୍ରତିନିଧି, ଆଞ୍ଚଳିକ ଉନ୍ନୟନ କମିଟି କର୍ମକର୍ତ୍ତାମାନଙ୍କୁ ନେଇ ଏକ ସପ୍ତାହ ମଧ୍ୟରେ ଆଲୋଚନା କରି ଆଶୁ ସମାଧାନ କରା ନ ଗଲେ ରାଜପଥକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅବରୋଧ କରାଯିବାର ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର, ପୂର୍ବତନ ସରପଞ୍ଚ ରବି ରାଉତ, ହାଡ଼ିବନ୍ଧୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିରରୁ ମସ୍‌ଜିଦ ରାସ୍ତା ହେଲା ଆଲୋକିତ

ଖଇରା, ୬।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବିଶିଷ୍ଟ ଯୋଗ ପ୍ରଚାରକ ତଥା ଆଜନ୍ମ ବ୍ରହ୍ମଚାରୀ ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଭୋଗୁପୁର ଗ୍ରାମର ମୁକ୍ତିକାନ୍ତ ପାଣିଗ୍ରାହୀ ବିଭିନ୍ନ ଗାଁ, ସ୍କୁଲ, କଲେଜ ତଥା ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଯୋଗଶିକ୍ଷା ପ୍ରଦାନ କରିଥାନ୍ତି। ହେଲେ ତାଙ୍କର ନିଆରା କାର୍ଯ୍ୟ ପାଇଁ ସେ ସାଧାରଣରେ ପ୍ରଶଂସିତ ହୋଇଛନ୍ତି। ଏବେ ସେ ନିଜ ଅର୍ଥରୁ ଭୋଗୁପୁର ଶିବମନ୍ଦିରଠାରୁ ଝିଙ୍କିରିଆ ଗ୍ରାମରେ ଥିବା ମସଜିଦ୍ ପର୍ଯ୍ୟନ୍ତ ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିଛନ୍ତି । ୬ଦିନ ଧରି ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ବିଭିନ୍ନ ବିଦ୍ୟୁତ ଖୁଣ୍ଟରେ ବଲ୍‌ବ ଲଗାଇବା କାର୍ଯ୍ୟ ବୁଧବାର ଶେଷ କରିଛନ୍ତି । ଏଥିପାଇଁ ତାଙ୍କୁ ୧୮ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ଏ ସମ୍ପର୍କରେ


ଯୁବଗୋଷ୍ଠୀଙ୍କୁ ସାଥିରେ ନେଇ ମୁକ୍ତିକାନ୍ତ ଖୁଣ୍ଟରେ ବଲ୍‌ବ ଲଗାଇବା କାର୍ଯ୍ୟ କରୁଛନ୍ତି।

ମୁକ୍ତିକାନ୍ତଙ୍କୁ ଯୋଗାଯୋଗ କରାଯିବାରୁ ଉଭୟ ଧର୍ମପୀଠକୁ ବର୍ଷସାରା ଭକ୍ତଙ୍କ ଯାତାୟାତ ଲାଗି ରହିଥାଏ। ଅନେକ

### ଯୋଗ ପ୍ରଚାରକ ମୁକ୍ତିକାନ୍ତଙ୍କ ନିଆରା ପ୍ରୟାସ

ସମୟରେ ଗ୍ରାମରେ ଚୋରି ଭୟ ଲାଗି ରହୁଥିଲା । ଏଣୁ ସେ ବହୁଦିନରୁ ଏହି ରାସ୍ତାରେ ଆଲୋକ ବ୍ୟବସ୍ଥା କରିବାକୁ ମନରେ ଚିନ୍ତା କରିଥିଲେ। ନିଜ ଖର୍ଚ୍ଚରୁ କିଛି କିଛି ଅର୍ଥ ସଞ୍ଚୟ କରୁଥିଲେ। ଏଥିପାଇଁ ୧୮ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଆଉ କିଛି ବଲ୍‌ବ ଲାଗିବା କାମ ବାକି ଅଛି। ଅର୍ଥ ଯୋଗାଡ କରି ଏହାକୁ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଦିଲୀପ ପଲେଇ, ଦୁଃଖୀ ଖାଁ, ଶେଖ ରଜତ, ଏସ୍.କେ. ସାଜନ, ଅହମ୍ମଦ ସାହାଜି, ଶେଖ ରମଜାନ, ଶେଖ ମୁସଲିନ, ଉମେଶ ବାରିକ ଓ ଦିଲୀପ ବେହେରାଙ୍କ ସମେତ ବହୁ ଯୁବଗୋଷ୍ଠୀ ତାଙ୍କୁ ସହାୟତା ଦେଇଥିଲେ।

### ଚୋରା ମଦ ଧରି ପୋଲିସ ଜିମା ଦେଲେ ଲୋକେ

ଚମ୍ପୁଆ, ୬।୫(ଡି.ଏନ.ଏ.)

ବଡ଼ନଇଠାରେ ବିକ୍ରି ହେବାକୁ ଯାଉଥିବା ଚୋରା ମହୁଲି ମଦ ପ୍ୟାକେଟ୍‌କୁ ଜବତ କରିବା ସହ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଗୁରୁବାର ବାଇକ୍‌ରେ ବୋଝେଇ ହୋଇ ଏକ ଅଖାବସ୍ତାରେ ମହୁଲି ମଦ ପ୍ୟାକେଟ୍ ବିକ୍ରି ହେବାକୁ ଯାଉଥିବା ବେଳେ ଗ୍ରାମବାସୀ ୨ ଜଣ ଯୁବକଙ୍କୁ ଅଟକ ରଖି ବସ୍ତା ଖୋଲିବାକୁ କହିଥିଲେ। ବହୁ ଯୁକ୍ତିତର୍କ ପରେ ବସ୍ତା ଖୋଲିବାରୁ ସେଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପାଉଚ ମଦ ରହିଥିବା ଜାଣିବାକୁ ପାଇଥିଲେ। ଏ ନେଇ ଚମ୍ପୁଆ ପୋଲିସକୁ ଖବର ଦେବାରୁ ପୋଲିସ ତୁରନ୍ତ ପହଞ୍ଚି ମଦ, ବାଇକ୍ ଜବତ କରିବାସହ ୨ ଯୁବକଙ୍କୁ ଗିରଫ କରିଥିଲେ। ଲୋକେ ପୂର୍ବରୁ ବହୁବାର ଅବକାରୀ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ ଅବକାରୀ ବିଭାଗ କର୍ଣ୍ଣପାତ କରୁ ନ ଥିବାରୁ ଉକ୍ତ ମଦ କେସ୍ ଅବକାରୀ ବିଭାଗକୁ ଦେବା ପାଇଁ ନାପସନ୍ଦ କରିଥିଲେ। ଏବଂ ପୋଲିସକୁ ହସ୍ତାନ୍ତର କରିଥିଲେ।

### ରାଧାକୃଷ୍ଣ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର, ୬।୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଭୈରବପୁର ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ସ୍ଥାନୀୟ ଗମେଇ ନଦୀଘାଟରେ କଳସ ବୁଡ଼ାଯାଇ ଶୋଭାଯାତ୍ରାରେ କର୍ତ୍ତାକର୍ତ୍ତାମାନେ ମନ୍ଦିର ପରିସରରେ ପହଞ୍ଚିବା ପରେ ପୂଜାବିଧି ଆରମ୍ଭ ହୋଇଥିଲା। ମନ୍ଦିର ପରିସରରେ ପ୍ରତିଷ୍ଠାତା ରଜନୀ ବାରିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମନ୍ଦିରରେ ଦୀର୍ଘଦିନ ଧରି ପୂଜା ପାଉଥିବା ରାଧାକୃଷ୍ଣଙ୍କ ପ୍ରସ୍ତର ମୂର୍ତ୍ତି ଓ ନୂତନ ପ୍ରସ୍ତର ମୂର୍ତ୍ତି ପୂଜା କରାଯାଇଥିଲା। ଯାଜ୍ଞିକ ପଣ୍ଡିତମାନେ ପୁରାତନ ମୂର୍ତ୍ତି ବିସର୍ଜନ କରି ନୂତନକୁ ମନ୍ଦିରକୁ ବିଜେ କରାଇଥିଲେ। ଯଜ୍ଞରେ ବସିଥିବା କର୍ତ୍ତାକର୍ତ୍ତାମାନେ ପୁରାତନ ମୂର୍ତ୍ତିକୁ ଆଖଣ୍ଡଳମଣି ପୀଠ ନିକଟବର୍ତ୍ତୀ ସାଳନ୍ଦୀ, ବୈତରଣୀ ଓ ଗେଙ୍ଗୁଟି ନଦୀର ମିଳନସ୍ଥଳ ତିନିତାରା ଘାଟଠାରେ ଶୁକ୍ରବାର ଅପରାହ୍ନରେ ବିସର୍ଜନ କରିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା


ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଉଛି।

ବାଲେଶ୍ୱର ଅଫିସ, ୬।୫

ବାଲେଶ୍ୱର ସହର ରାଣୀପାଟଣାସ୍ଥିତ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଓଡ଼ିଶା ଗଭର୍ନମେଣ୍ଟ ଆୟୁର୍ବେଦିକ ଫିଜିସିଆନ୍ ଆସୋସିଏସନ୍ (ଓଗାପା)ର ସଦସ୍ୟମାନଙ୍କ ଦ୍ୱାରା ଗୁରୁବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଗାପା ବାଲେଶ୍ୱର ଶାଖା ସଭାପତି ଡା. ଅନୀଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଜିଲା ଆୟୁର୍ବେଦ ଚିକିତ୍ସକ ଡା. ହରିଶ କୁମାର ପାଣିଗ୍ରାହୀ ଓ ଅବସରପ୍ରାପ୍ତ ଆୟୁର୍ବେଦ ଚିକିତ୍ସକ ଡା. ସୁଧାଂଶୁ ବାଳା ପଟ୍ଟନାୟକଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲା ଆୟୁର୍ବେଦ ଚିକିତ୍ସକ ଡା. ବୈକୁଣ୍ଠନାଥ ମଲ୍ଲିକଙ୍କୁ ସ୍ୱାଗତ କରାଯାଇଥିଲା। ଡା. ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଦୁଇ ଅଧିକାରୀଙ୍କ ଦୀର୍ଘଦିନ ଧରି ସେବା, ତାଙ୍କର ଉଦାରତା ବିଭାଗୀୟ କର୍ମଚାରୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ସେକସନ୍ ଅଫିସର ହିମାଂଶୁ ଶେଖର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ଡା. ତଥା ଜିଲା ଆୟୁର୍ବେଦ ଚିକିତ୍ସକଙ୍କ ଚିକିତ୍ସା ସେବା ତଥା ପ୍ରଶାସନିକ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆୟୁର୍ବେଦିକ ଆସିଷ୍ଟାଣ୍ଟ ଜ୍ୟୋତି ମିଶ୍ର, କନିଷ୍ଠ କିରାଣି ଅମ୍ବିକା ପ୍ରସାଦ ମହାପାତ୍ର ବକ୍ତବ୍ୟ ମାଧ୍ୟମରେ ଅବସରପ୍ରାପ୍ତ ଡାକ୍ତରମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସଭାରେ ଡା. ତପସ୍ୱିନୀ ମିଶ୍ର, ଡା. ରାଜୀବ କୁମାର ମାଝି ଓ ଡା. ଇତିଶ୍ରୀ ଦାସ ରୋଗ ପ୍ରତିରୋଧରେ ଆୟୁର୍ବେଦର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରି ପୁରସ୍କୃତ ହୋଇଥିଲେ। ଡା. ସୟଦ ମୋଜିମିଲ୍ ଅଲି, ଡା. ଅଜୟ କୁମାର ସେଣ୍ଠ ଓ ଡା. ପୁଷ୍ପଲତା ପଣ୍ଡାଙ୍କୁ ବିଭିନ୍ନ ପ୍ରଶଂସନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା।

# ଇପିଏଫ୍ ପେନସନ୍‌ଭୋଗୀଙ୍କ ଜିଲା କମିଟି ବୈଠକ



ବୈଠକରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ, ୬।୫

ବାଲେଶ୍ୱର ସହର ଶାନ୍ତିକାନନ ନିକଟସ୍ଥ ସ୍ୱର୍ଗତ ଅରୁଣ ଦେ ସ୍ମୃତି ପରିଷଦ ଗୃହରେ ଅବସର ପରେ କେନ୍ଦ୍ର ସରକାରଙ୍କ ଇପିଏଫ୍ ସଂସ୍ଥାରୁ ପେନ୍‌ସନ୍ ପାଉଥିବା କର୍ମଚାରୀମାନଙ୍କର ଜିଲା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସର୍ବନିମ୍ନ ମାସିକ ମାତ୍ର ୧ ହଜାର ଟଙ୍କା ପେନ୍‌ସନ ପାଉଥିବା କର୍ମଚାରୀଙ୍କୁ ମାସିକ ୯ହଜାର ଟଙ୍କା, ଅଧିକ ବେତନ ପାଇଥିବା କର୍ମଚାରୀଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଅନୁଯାୟୀ ବର୍ଦ୍ଧିତ ପେନସନ ସମ୍ପର୍କରେ ଜିଲା ସମ୍ପାଦକ ବିଷ୍ଣୁ ମହାନ୍ତି ଅବଗତ କରାଇଥିଲେ। ଇଂ. ଅନାଦି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଜୁନ୍‌ରେ ସମସ୍ତ ଇପିଏଫ୍ ପେନସନ୍‌ଭୋଗୀମାନେ ଦାବି ସମ୍ବଳିତ ପୋଷ୍ଟକାର୍ଡ଼ରେ ଚିଠି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇରେ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍, ଅଗଷ୍ଟରେ ରାଜ୍ୟର ସମସ୍ତ ଇପିଏଫ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ, ସେପ୍ଟେମ୍ବରରେ ସମସ୍ତ ଆରଡିସି ଅଫିସ୍ ସମ୍ମୁଖରେ ଗଣଧାରଣା ଓ ନଭେମ୍ବର ୧୬ତାରିଖରେ ଦେଶବ୍ୟାପୀ ଦାବି ଦିବସ ପାଳନ ଆହ୍ୱାନକୁ ବାଲେଶ୍ୱର ଜିଲାରେ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥିର କରାଯିବ। ସଂସଦର ଆସନ୍ତା ଶୀତକାଳୀନ ଅଧିବେଶନ ସମୟରେ ଗଣଧାରଣା ଓ ଦିଲ୍ଲୀସ୍ଥିତ ଭବିଷ୍ୟନିଧି ପାଣ୍ଠିର କେନ୍ଦ୍ରଦପ୍ତରକୁ ଘେରାଉ କରାଯିବ। ପ୍ରସ୍ତାବିତ ଗଣତାନ୍ତ୍ରିକ ଆନ୍ଦୋଳନକୁ ବାଲେଶ୍ୱର ଜିଲାରେ ସଫଳ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ତ୍ତମାନ ନିଯୁକ୍ତିରେ ଥାଇ ଅବସର ପରେ ଇପିଏଫ୍ ପେନ୍‌ସନ୍ ପାଇବାକୁ ଥିବା ସମସ୍ତ କର୍ମଚାରୀ ଇପିଏଫ୍ ପେନସନର୍ସ ଆସୋସିଏଶନ ସଭ୍ୟପଦ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଆସୋସିଏଶନ୍‌ର ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଭୂପତି ଭୂଷଣ ଦାସ, ରତ୍ନାକର ପଣ୍ଡା, ଇଂ. କନ୍ହେଇଲାଲ୍ ଚୌଧୁରୀ, ଶ୍ୟାମସୁନ୍ଦର ଜେନା, ଅରୁଣ କୁମାର କମିଳା ଓ ମନ୍ମଥ ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶରତଚନ୍ଦ୍ର ଦଲାଇ ଧନ୍ୟବାଦ ଦେଇଥିଲେ।

# ସରକାରୀ କର୍ମଚାରୀଙ୍କ ଅସହଯୋଗକୁ ନେଇ ଉଦ୍‌ବେଗ

ଖଇରା, ୬।୫(ଡି.ଏନ.ଏ.)

ଓଡିଶା ସାମ୍ବାଦିକ ୟୁନିଅନର ଏକ ବୈଠକ ଶୁକ୍ରବାର ବାଲେଶ୍ୱର ଜିଲା ଅଧୀନ ଖଇରାସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗଙ୍ଗାଧର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଯୋଗଦେଇ ବର୍ତ୍ତମାନ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ, ଆକ୍ରୋଶକୁ ଦୃଢ ନିନ୍ଦା କରିଥିଲେ। ଏଥିସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକକୁ ଖବରଦାତାମାନଙ୍କୁ ଡକାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ଖବରକାଗଜ ବିକ୍ରେତାମାନଙ୍କୁ ପରିଚୟପତ୍ର ମିଳିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉତ୍କଳବନ୍ଧୁ ପଣ୍ଡା, ଦୟାନିଧି ମହାପାତ୍ର, ସଞ୍ଜୟ କୁମାର ବେହେରା, ସତ୍ୟଭାମା ପ୍ରଧାନ, ବଳରାମ ଲେଙ୍କା, ରଘୁନାଥ ସାମଲ, ଉମେଶ ଜେନା, ନିଶିକାନ୍ତ ମହାନ୍ତି, ତପୋଧନ ବାରିକ, କିଶୋର ବେହେରା, ଧନଞ୍ଜୟ ପଣ୍ଡା, ଛାୟାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଭାପତି ଦୟାନିଧି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍ସବ ଭାଇଚାରାର ନିଦର୍ଶନ

ଭୋଗରାଇ, ୬।୫(ଡି.ଏନ.ଏ.)

### ବୈଶାଖୀ ଉତ୍ସବର ୩ୟ, ୪ର୍ଥ ସନ୍ଧ୍ୟା

ଉତ୍ସବ ଭାଇଚାରାର ସେତୁ ବାନ୍ଧେ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମା' ବାଶୂଳୀ ପୀଠରେ ଆୟୋଜିତ ବୈଶାଖୀ ଉତ୍ସବର ୪ର୍ଥ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବୈଶାଖୀ ଉତ୍ସବ ସଭାପତି ପ୍ରବୀର ଗିରିଙ୍କ ପୌରୋହିତ୍ୟରେ ପ୍ରାଧ୍ୟାପକ ପ୍ରଦୀପ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ବଳରାମ ବିଶି ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଡିଓ ଶଙ୍କର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଗୌତମ ବୁଦ୍ଧ ଦାସ, ସମ୍ମାନନୀୟ ଅତିଥି ଭାବେ ପଞ୍ଚାୟତ ସମିତିସଭ୍ୟା ଝରଣା ସାହୁ, ସରପଞ୍ଚ ବର୍ଷାରାଣୀ ପରିଡ଼ା, ସରପଞ୍ଚ ଦିଲୀପ କୁମାର ଦତ୍ତ, ଦୀପ୍ତିରାଣୀ ମିଶ୍ର ପ୍ରମୁଖ ବୈଶାଖୀ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଗୁରୁବାର ବୈଶାଖୀ ଉତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ତହସିଲଦାର କମଳାକାନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସତ୍ୟଶିବ ଦାସ ପ୍ରମୁଖ ଯୋଗଦେଇଥିଲେ।

# ପୋଲିସ ଏସ୍‌ଆଇଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

ହାଟଡିହୀ,୬।୫(ଡି.ଏନ.ଏ.)

ଗତ ପଞ୍ଚାୟତ ନିର୍ବାଚନ ସମୟରେ ଆକ୍ରୋଶମୂଳକ ଭାବେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଧରିତ୍ରୀ ଖବରଦାତା ଶୁଭକାନ୍ତ ନାୟକଙ୍କ ଘରେ ପଶି ପରିବାର ଲୋକଙ୍କୁ ଧମକଚମକ ଦେବା ଘଟଣା ଜଣେ ପୋଲିସ ଏସ୍‌ଆଇଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ନନ୍ଦିପଦା ଥାନା ପୋଲିସ ଖବରଦାତା ନାୟକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିବା ବେଳେ ମାମଲା ରୁଜୁ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଅନ୍ୟ ଥାନାରେ କାର୍ଯ୍ୟରତ ପୋଲିସ ଏସ୍‌ଆଇ ବିଶ୍ୱଜିତ ବେହେରା କେତେଜଣ ପୋଲିସ କର୍ମଚାରୀଙ୍କ ସହ ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ସୋଲପଟା ଗ୍ରାମର ଖବରଦାତା ନାୟକଙ୍କ ଘରେ ପଶି ପରିବାର ଲୋକଙ୍କୁ ମିଥ୍ୟା କେସରେ ଫସାଇ ଜେଲରେ ଠୁଙ୍କି ଦେବା ସହ ନାନା ପ୍ରକାର ଧମକ ଚମକ ଦେଇଥିଲେ। ଏନେଇ ଖବରଦାତାଙ୍କ ବାପା ଧନେଶ୍ୱର ନାୟକ ଗତ ଫେବୃୟାରୀ ୧୯ରେ ନନ୍ଦୀପଦା ଥାନାରେ ଅଭିଯୋଗ କରିଥିଲେ। ପର ଦିନ ଅର୍ଥାତ ୨୦ ତାରିଖରେ ପୁଣି ଏସ୍‌ଆଇ ବେହେରା ଖବରଦାତାଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ନନ୍ଦୀପଦା ଥାନା ପୋଲିସ ଏହି ଦୁଇ ଅଭିଯୋଗକୁ ନେଇ ମାମଲା ରୁଜୁ କରି ନ ଥିଲା। ଫଳରେ ଧନେଶ୍ୱର ୨୦ ତାରିଖରେ ଥାନାରେ କରିଥିବା ଅଭିଯୋଗକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ(ସିଆର୍‌ଏଲ୍‌ଏମ୍‌ପି ୪୦୨/୨୦୨୨) କ୍ରମେ ପୋଲିସ ଏକ ମାମଲା ରୁଜୁ କରି ହାଇକୋର୍ଟଙ୍କୁ ଜଣାଇଥିଲା। କିନ୍ତୁ ୨୦ ତାରିଖ ଅଭିଯୋଗକୁ ନେଇ ପୋଲିସ ମାମଲା ରୁଜୁ ନ କରି ୧୯ ତାରିଖ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୯୪/୨୨)ରୁଜୁ କରିଥିଲା। ତେବେ ହାଇକୋର୍ଟ ୨୦ ତାରିଖରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବାକୁ ପୁଣି ନିର୍ଦ୍ଦେଶ ଦେଇଥିବା ଆଡ୍‌ଭୋକେଟ ଏ.କେ ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏସ୍‌ଆଇ ବେହେରାଙ୍କ ନାମରେ ଧନେଶ୍ୱରଙ୍କ ପରିବାର ପକ୍ଷରୁ ନନ୍ଦୀପଦା ଥାନାରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଯାହାକି ଏବେ କୋର୍ଟରେ ବିଚାରଧୀନ ରହିଛି। ଏହି ରାଗରେ ସେ ବାରମ୍ବାର ତାଙ୍କ ଘରକୁ ଯାଇ ଧମକ ଚମକ ଦେଉଥିବା ଧନେଶ୍ୱରଙ୍କ ପରିବାର ଲୋକେ କହିଛନ୍ତି।

### ନିର୍ବାଚନ ବେଳେ ଆକ୍ରୋଶମୂଳକ ଭାବେ ଖବରଦାତାଙ୍କ ଘର ରେଡ୍ ଘଟଣା

